ଏଲ୍.ଏନ୍. ଭେଙ୍କଟେସନ୍

ବନାମ

ତାମିଲ ନାଡୁ ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 4, 1997

[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894 :ଧାରା 11-A - ପ୍ରାବଧାନ ଏବଂ ବ୍ୟାଖ୍ୟା ।*

*ଜମି ଅଧିଗ୍ରହଣ - ଅଧିନିର୍ଣ୍ଣୟ - ଯେଉଁ ଅବଧି ମଧ୍ୟରେ ପାରିତ ହେବା ଉଚିତ, ସେହି ସମୟର ଗଣନା - ଜମି ଅଧିଗ୍ରହଣ ପ୍ରକ୍ରିୟା - 11.6.1975 ରେ ପ୍ରକାଶିତ ଧାରା 4 (1) ଅନୁଯାୟୀ ଅଧିସୂଚନା - 1978 ମସିହା ମାର୍ଚ୍ଚ 3 ତାରିଖରେ ପ୍ରକାଶିତ ଧାରା 6 ଅନୁଯାୟୀ ଘୋଷଣା - ଜମି ମାଲିକଙ୍କ ଦ୍ୱାରା ଦାୟର ହୋଇଥିବା ଆଜ୍ଞାଦେଶ - ନ୍ୟାୟାଳୟଙ୍କ ଦ୍ୱାରା ଅନ୍ତରୀଣ ସ୍ଥଗିତାଦେଶ ମଞ୍ଜୁର - ଫଳସ୍ୱରୂପ ଭୂ-ଅର୍ଜନ ଅଧିକାରୀ ଜମିର ଦଖଲ ପ୍ରାପ୍ତି କଲେ ନାହିଁ - ଧାରା 11-A ଅଧୀନରେ ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇନଥିଲା - ନିର୍ଣ୍ଣୟ ହେଲା, ପରିସ୍ଥିତିରେ ଧାରା 6 ଅନୁଯାୟୀ ଘୋଷଣା ସମାପ୍ତ ହୁଏ ନାହିଁ ଏବଂ ଫଳସ୍ୱରୂପ ଧାରା 4 (1) ଅନୁଯାୟୀ ଅଧିସୂଚନା ମଧ୍ୟ ସମାପ୍ତ ହୁଏ ନାହିଁ ।*

*ୟୁସୁଫଭାଇ ନୁରମୋହମ୍ମଦ ନେଣ୍ଡୋଲିଆ ବନାମ ଗୁଜରାଟ ରାଜ୍ୟ,* **ଏ.ଆଇ.ଆର. (1991) ଏସ.ସି. 2153 ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : 1997 ର ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 5613-14 ।

ଡବ୍ଲ୍ୟୁ.ପି. ନଂ. 3450/88 ଏବଂ ଡବ୍ଲ୍ୟୁ.ଏମ୍.ପି. ନଂ. 5231/1988 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ 19.7.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ କେ.ବି.ଏସ୍. ରାଜନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନଗୁଡ଼ିକ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ 19 ଜୁଲାଇ, 1996ରେ ଡବ୍ଲ୍ୟୁ.ଏମ୍.ପି. ନଂ. 5231/88 ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । ଜମି ଅଧିଗ୍ରହଣ ଅଧିନିୟମର ଧାରା 4 (1) ଅନୁଯାୟୀ ଅଧିସୂଚନା 11.6.1975 ରେ ପ୍ରକାଶିତ ହୋଇଥିଲା ।

ଧାରା 6 ଅଧୀନରେ ଘୋଷଣା 3 ମାର୍ଚ୍ଚ 1978 ରେ ପ୍ରକାଶିତ ହୋଇଥିଲା । ଆବେଦନକାରୀ ଡବ୍ଲ୍ୟୁ.ପି. ନଂ. 7645/86 ଦାୟର କରିଥିଲେ ଏବଂ ବେଦଖଲ ଉପରେ ସ୍ଥଗିତାଦେଶ ଲଗାଇଥିଲେ । ଯେହେତୁ ଧାରା 11-A ଅନୁଯାୟୀ ଦୁଇ ବର୍ଷ ମଧ୍ୟରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରାଯାଇ ନଥିଲା, ତେଣୁ ସେ ଡବ୍ଲୁ.ପି. ନଂ. 3450/88 ବିଶିଷ୍ଟ ଅନ୍ୟ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ପୂର୍ବବର୍ତ୍ତୀ ଆଜ୍ଞାଦେଶ ଆବେଦନରେ, ଆବେଦନକାରୀ ଦ୍ୱାରା ପ୍ରାପ୍ତ ସ୍ଥଗିତାଦେଶର କାର୍ଯ୍ୟକାରିତାକୁ ପ୍ରାବଧାନର ପ୍ରତିବନ୍ଧକ ଆକର୍ଷିତ କରେ ନାହିଁ । ତେଣୁ, ଅଧିଗ୍ରହଣ ସ୍ଥଗିତ ରହେ ନାହିଁ । ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଯୁକ୍ତି କରିଛନ୍ତି ଯେ ମଞ୍ଜୁର ହୋଇଥିବା ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ "ଆବେଦନକାରୀଙ୍କୁ ବେଦଖଲ କରିବା ପାଇଁ ନୁହେଁ ଏବଂ କର୍ତ୍ତୃପକ୍ଷଙ୍କ ପାଇଁ ଅଧିନିର୍ଣ୍ଣୟର ପାରିତ କରିବାରେ ଆଗକୁ ବଢିବାରେ କୌଣସି ପ୍ରତିବନ୍ଧକ ନାହିଁ । ଏହି ତର୍କରେ ଆମେ କୌଣସି ଦୃଢତା ପାଉନାହୁଁ ।

ଏହି ଅଧିନିୟମର ଧାରା 11-A ନିମ୍ନରେ ଦିଆଗଲା:

"11- A. ଯେଉଁ ଅବଧି ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ - ଘୋଷଣା ପ୍ରକାଶନ ତାରିଖ ଠାରୁ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାପାଳ ଧାରା 11 ଅନୁଯାୟୀ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବେ ଏବଂ ଯଦି ସେହି ସମୟ ମଧ୍ୟରେ କୌଣସି ଅଧିନିର୍ଣ୍ଣୟ ପ୍ରଦାନ କରାଯାଇନଥାଏ, ତେବେ ଜମି ଅଧିଗ୍ରହଣ ପରେ ସମଗ୍ର କାର୍ଯ୍ୟାନୁଷ୍ଠାନ ସମାପ୍ତ ହୋଇଯିବ :

ଉଲ୍ଲେଖଥାଉକି, ଯେଉଁ କ୍ଷେତ୍ରରେ ଉକ୍ତ ଘୋଷଣାଟି ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1984ର ଲାଗୁ ପୂର୍ବରୁ ପ୍ରକାଶିତ ହୋଇଛି, ସେହି କ୍ଷେତ୍ରରେ ଏପରି ଲାଗୁ ହେବାର ଦୁଇ ବର୍ଷ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ ।

ବ୍ୟାଖ୍ୟା - ଏହି ଧାରାରେ ଉଲ୍ଲେଖିତ ଦୁଇ ବର୍ଷର ସମୟ ଗଣନା କରିବା ସମୟରେ, ଉକ୍ତ ଘୋଷଣା ଅନୁଯାୟୀ ଗ୍ରହଣ କରାଯିବାକୁ ଥିବା କୌଣସି କାର୍ଯ୍ୟ କିମ୍ବା କାର୍ଯ୍ୟଧାରାକୁ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ସ୍ଥଗିତ ରଖାଯାଇଥିବା ଅବଧିକୁ ବାଦ ଦିଆଯିବ ।"

*ୟୁସୁଫଭାଇ ନୁରମୋହାମେଦ୍ ନେଣ୍ଡୋଲିଆ ବନାମ ଗୁଜରାଟ ରାଜ୍ୟ*, ଏ.ଆଇ.ଆର୍. (1991) ଏସ୍.ସି. 2153 ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ନୀତି ହେଉଛି ଯେ ଜମିର ମାଲିକ କିମ୍ବା ଜଣେ ବ୍ୟକ୍ତି, ଯିଏ ଜମି ପ୍ରତି ଆଗ୍ରହୀ ଏବଂ ଅଧିନିୟମ 11-A ର ସୁବିଧା ଉଠାଇବାକୁ ଚାହାଁନ୍ତି, ଜମି ଅଧିଗ୍ରହଣ ଅଧିକାରୀଙ୍କ ବିରୋଧରେ କୌଣସି ପ୍ରକାରର ମଧ୍ୟବର୍ତ୍ତୀକାଳୀନ ଆଦେଶ ହାସଲ କରିନଥିବେ । ଉକ୍ତ ରାୟର ପ୍ରାସଙ୍ଗିକ ଅଂଶ, ଯାହା ଅନୁଚ୍ଛେଦ 8 ରେ ରହିଛି, ନିମ୍ନରେ ଦିଆଗଲା:

"ଉକ୍ତ ବ୍ୟାଖ୍ୟା ଯଥାସମ୍ଭବ ବ୍ୟାପକ ଶବ୍ଦରେ ଅଟେ ଏବଂ ଆମ ମତରେ, ଉକ୍ତ ଅଧିନିୟମର ଧାରା 11 ଅନୁଯାୟୀ ଅଧିନିର୍ଣ୍ଣୟ ପ୍ରଦାନ ପ୍ରକ୍ରିୟାରେ କାର୍ଯ୍ୟ କିମ୍ବା କାର୍ଯ୍ୟବିଧିର ବ୍ୟାଖ୍ୟାରେ ଉଲ୍ଲେଖିତ କାର୍ଯ୍ୟ କିମ୍ବା କାର୍ଯ୍ୟବିଧିକୁ ସୀମିତ କରିବା ପାଇଁ କୌଣସି ଆଦେଶ ନାହିଁ । ପ୍ରଥମତଃ, ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା କୁହାଯାଇଥିବା ଅନୁଯାୟୀ, ଯେଉଁଠାରେ ମାମଲାଟି ଧାରା 17 ଦ୍ୱାରା ଅନ୍ତର୍ଭୁକ୍ତ, ଏକ ଅଧିନିର୍ଣ୍ଣୟ ପ୍ରଦାନ କରିବା ପୂର୍ବରୁ ଦଖଲ ନିଆଯାଇପାରିବ ଏବଂ ବ୍ୟାଖ୍ୟାରେ ଉପରୋକ୍ତ ଅଭିବ୍ୟକ୍ତିଟି ଧାରା 17 ଦ୍ୱାରା ଅନ୍ତର୍ଭୁକ୍ତ ହୋଇଛି କି ନାହିଁ ତାହା ଉପରେ ନିର୍ଭର କରି ଏକ ଭିନ୍ନ ଅର୍ଥ ଦିଆଯିବା ଉଚିତ ବୋଲି ଆମେ କୌଣସି କାରଣ ଦେଖୁନାହୁଁ । ଅନ୍ୟ ପକ୍ଷରେ, ଏହା ଆମ ପାଇଁ ପ୍ରତୀୟମାନ ହେଉଛି ଯେ ଏହି ବ୍ୟାଖ୍ୟା ଜଣେ ଜମି-ଧାରକଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ଯାହାର ଜମି ବ୍ୟାଖ୍ୟା ଦ୍ୱାରା ଅନ୍ତର୍ଭୁକ୍ତ ମାମଲାରେ ଧାରା ଅନୁଯାୟୀ ଘୋଷଣା କରାଯିବା ପରେ ଅଧିଗ୍ରହଣ କରାଯାଇଥାଏ । ଏହାର ସୁବିଧା ହେଉଛି ଯେ ଘୋଷଣା ହେବାର ଦୁଇ ବର୍ଷ ମଧ୍ୟରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ଆବଶ୍ୟକ, ଯେଉଁଥିରେ ବିଫଳ ହେଲେ ଅଧିଗ୍ରହଣ ପ୍ରକ୍ରିୟା ସମାପ୍ତ ହୋଇଯିବ ଏବଂ ଜମି ମାଲିକଙ୍କୁ ଜମି ଫେରସ୍ତ ଦିଆଯିବ । ଉକ୍ତ ବ୍ୟବସ୍ଥାର ସୁବିଧା ପାଇବା ପାଇଁ, ଯାହା ଆବଶ୍ୟକ, ତାହା ହେଉଛି ଯେ ଯେଉଁ ଜମି-ଧାରକ ଏହି ସୁବିଧା ଚାହାଁନ୍ତି, ସେ ଉକ୍ତ ଅଧିନିୟମର ଧାରା 6 ଅନୁଯାୟୀ ଘୋଷଣାନାମା ଅନୁସରଣରେ କୌଣସି କାର୍ଯ୍ୟ କିମ୍ବା କାର୍ଯ୍ୟଧାରା ଉପରେ ରୋକ ଲଗାଇବା ପାଇଁ କୌଣସି ଅଦାଲତରୁ କୌଣସି ଆଦେଶ ପ୍ରାପ୍ତ କରିନଥିବେ, ଯାହା ଦ୍ୱାରା ବ୍ୟାଖ୍ୟା କେବଳ ସେହି ଜମି-ଧାରକଙ୍କ ମାମଲାକୁ ଅନ୍ତର୍ଭୁକ୍ତ କରେ ଯେଉଁମାନେ କୌଣସି ଅଦାଲତରୁ ଏପରି କୌଣସି ଆଦେଶ ଗ୍ରହଣ କରନ୍ତି ନାହିଁ ଯାହା  ଅଧିନିର୍ଣ୍ଣୟ ପ୍ରଦାନ କରିବାରେ କିମ୍ବା ଅଧିଗୃହୀତ ଜମିର ଦଖଲ ନେବାରେ ବିଳମ୍ବ କରିବ କିମ୍ବା ଅବରୋଧ କରିବ । ଆମ ମତରେ, ଗୁଜରାଟ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟରେ ସମାନ ମତ ରଖିବା ଠିକ୍ ଥିଲା ।"

ଏହି ମାମଲାରେ ଏହା ବିବାଦୀୟ ନୁହେଁ ଯେ ଆବେଦନକାରୀ ସୈଦାପେଟ ତାଲୁକର କୋଟିଭାକ୍କମ ଗ୍ରାମର ଏସ. ନଂ. 232/1Cରେ ଅନ୍ତର୍ଭୁକ୍ତ 6 ଏକର ଜମିର ଅବଶିଷ୍ଟ ଅଧିଗ୍ରହଣ ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଡବ୍ଲୁ.ପି. ନଂ. 10351/1982 ଦାୟର କରିଥିଲେ ଏବଂ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଥିଲେ ଯାହା ଭୂ-ଅର୍ଜନ ଅଧିକାରୀଙ୍କୁ ପ୍ରଶ୍ନରେ ଥିବା ସର୍ଭେ ନମ୍ବରର ଏକ ଅଂଶ ସହିତ ଜଡିତ ଥିଲେ ମଧ୍ୟ ଏହି ମାମଲାରେ ଆଗକୁ ବଢ଼ିବା ପାଇଁ ଅକ୍ଷମ କରିଥିଲା, ଅଧିନିର୍ଣ୍ଣୟ ପାରିତ କରିବା ତ ଦୂରର କଥା । ଉକ୍ତ ଆଜ୍ଞାଦେଶ ଆବେଦନକୁ 8.1.1988 ରେ ଅନୁମତି ଦିଆଯାଇଥିଲା । ଉପରେ ଉଲ୍ଲେଖିତ ସର୍ବେକ୍ଷଣ ସଂଖ୍ୟାରେ ଅନ୍ତର୍ଭୁକ୍ତ 6 ଏକର ପରିସର ସହିତ ଜଡିତ ଅଧିଗ୍ରହଣକୁ ବାତିଲ କରାଯାଇଥିଲା । ଏପରିକି ଡବ୍ଲ୍ୟୁ.ପି. ନଂ. 10351/1982ର ବିଚାରାଧୀନତା ସମୟରେ, ଆବେଦନକାରୀ ଡବ୍ଲ୍ୟୁ.ପି. ନଂ. 7645/1986 ବିଶିଷ୍ଟ ଅନ୍ୟ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଏବଂ ଏକ ଅନ୍ତରୀଣ ଆଦେଶ

ପ୍ରାପ୍ତ କରିଥିଲେ । ଡବ୍ଲ୍ୟୁ.ପି. ନଂ. 6745/1986, 4-33 ଏକରର ଅବଶିଷ୍ଟ ଅଂଶ ସହିତ ଜଡିତ ଥିଲା ଏବଂ ଏହି ଆଜ୍ଞାଦେଶ ଆବେଦନ ସହିତ ସେହି ଆଜ୍ଞାଦେଶ ଆବେଦନର ଶୁଣାଣି କରାଯାଇଛି । ତଥାପି, ଆମେ ସେହି ଆଜ୍ଞାଦେଶ ଆବେଦନରେ ଏକ ପୃଥକ ଆଦେଶ ପାରିତ କରୁଛୁ । ଭୁ-ଅର୍ଜନ ଅଧିକାରୀଙ୍କୁ ସମ୍ପୃକ୍ତ ଜମିର ଦଖଲ ପାଇବାରୁ ଅକ୍ଷମ କରି ଡବ୍ଲୁ.ପି. ନଂ 7645/1986 ରେ ପ୍ରାପ୍ତ ଅନ୍ତରୀଣ ଆଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି । ତେଣୁ, 1982 ମସିହାରୁ ଆଜି ପର୍ଯ୍ୟନ୍ତ, ଉପରୋକ୍ତ ଆଜ୍ଞାଦେଶ ଆବେଦନ ମଧ୍ୟରୁ ଗୋଟିଏରେ ଏକ ଅନ୍ତରୀଣ ଆଦେଶ ପାରିତ ହୋଇଛି, ଯାହା ଭୁ-ଅର୍ଜନ ଅଧିକାରୀଙ୍କୁ ଜମି ଦଖଲ କରିବାରୁ ଅକ୍ଷମ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରହିଛି ।

ଏହି ପରିସ୍ଥିତିରେ, ଧାରା 6 ଅନୁଯାୟୀ ଘୋଷଣା ବାତିଲ ହୁଏ ନାହିଁ ଏବଂ ଫଳସ୍ୱରୂପ ଧାରା 4 (1) ଅନୁଯାୟୀ ଅଧିସୂଚନା ମଧ୍ୟ ବାତିଲ ହୁଏ ନାହିଁ ।

ତଦନୁଯାୟୀ ବିଶେଷ ଅନୁମତି ଆବେଦନଗୁଡ଼ିକୁ ଖାରଜ କରାଯାଇଛି ।

ଟି.ଏନ୍.ଏ. ଆବେଦନଗୁଡ଼ିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।